# ଐତିହ୍ୟ ପାଇଁ ଦୌଡ଼ିଲେ



ଭଦ୍ରକଠାରେ ଗଣଦୌଡ଼କୁ ଜିଲାପାଳ ଦିଲୀପ ରାଉତରାଏ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।



ବାସୁଦେବପୁରରେ ଗଣଦୌଡ଼ରେ ବିଧାୟକ ଅଶୋକ ଦାସ, ଅଧିକାରୀ ଓ ଅନ୍ୟମାନେ।

ଭଦ୍ରକ/ତିହିଡ଼ି/ବାସୁଦେବପୁର/ଧାମନଗର,୫।୪ (ସନାତନ ରାଉତ/ସଞ୍ଜିତ ବଳ/ନାରାୟଣ ପ୍ରସାଦ ବାରିକ/ ଦେବେନ୍ଦ୍ର ଆନ୍ଦିଆ)

ଓଡ଼ିଶାର କଳା, ସଂସ୍କୃତି, ପରମ୍ପରା, ଐତିହ୍ୟକୁ ମନେ ରଖିବା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ପ୍ରଶାସନିକସ୍ତରରେ ଓଡ଼ିଆ ପକ୍ଷ ପାଳନ କରାଯାଉଛି। ଏହି ପକ୍ଷ ପାଳନ ଅବସରରେ ଶନିବାର ୫ମ ଦିନରେ ସକାଳ ୭ଟାରେ ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟରୁ ଆରମ୍ଭ ହୋଇଥିବା ଏହି ଗଣଦୌଡ଼କୁ ଜିଲାପାଳ ଦିଲୀପ ରାଉତରାଏ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଓଡ଼ିଶାର କଳା, ସଂସ୍କୃତି, ପରମ୍ପରା, ପୋଷାକ, ଐତିହ୍ୟ ଆଦିକୁ ସ୍ମରଣୀୟ କରିବା ଏବଂ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଓଡ଼ିଆ ପକ୍ଷ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ଏଥିପାଇଁ ଯେକୌଣସି ଏକ ଐତିହାସିକ ପୀଠକୁ ଗଣଦୌଡ଼ କରାଯାଉଛି ବୋଲି ଜିଲାପାଳ ପ୍ରକାଶ କରିଥିଲେ। ବିଭିନ୍ନ ସ୍କୁଲ, କଲେଜର ଛାତ୍ରୀଛାତ୍ର ଓ ସଙ୍ଗଠନର ସଦସ୍ୟମାନେ ଗଣଦୌଡ଼ରେ ସାମିଲ ହୋଇ ସହର ପରିକ୍ରମା କରିଥିଲେ। ଐତିହାସିକ ସ୍ଥଳୀ ଗାନ୍ଧୀପଡ଼ିଆରେ ଗଣଦୌଡ଼ ଶେଷ ହୋଇଥିଲା। ଅତିରିକ୍ତ ଜିଲାପାଳ ସରୋଜ କୁମାର ଦତ୍ତ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ତ୍ୟାଗଭୂମିର ସଭାପତି ଅଜୟ ନାୟକ, ବରିଷ୍ଠ ନାଗରିକ ସଂଘର ଜିଲା ସଭାପତି ଲଳାଟେନ୍ଦୁ ମହାନ୍ତି, ରାଧାରାଣୀ ମହାପାତ୍ର, ଦିଲୀପ ନାୟକଙ୍କ ସମେତ ବିଭିନ୍ନ ସ୍କୁଲ, କଲେଜର ଶିକ୍ଷୟିତ୍ରୀଶିକ୍ଷକ ଓ ଅଧ୍ୟାପିକା ଅଧ୍ୟାପକ ଏଥିରେ ସାମିଲ ଥିଲେ।

ସେହିପରି ତିହିଡ଼ି ବ୍ଲକ ପକ୍ଷରୁ ପୂର୍ବାହ୍ନରେ ଐତିହ୍ୟ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ପାଳିଆବିନ୍ଧାସ୍ଥିତ ବିରଞ୍ଚି ନାରାୟଣ ମାଧବ-ଅର୍ଜୁନ କଲେଜଠାରୁ ଗଣଦୌଡ଼ ଆରମ୍ଭ ହୋଇ ଐତିହାସିକ ବିରଞ୍ଚି ନାରାୟଣ ମନ୍ଦିର ନିକଟରେ ଶେଷ ହୋଇଥିଲା। ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ବିଡିଓ ନିରଞ୍ଜନ ବାରିକ, ଏବିଡିଓ ମାନସ କୁମାର ଜେନା, କଲେଜ ଅଧ୍ୟକ୍ଷ ପ୍ରାଧ୍ୟାପକ ଅମୂଲ୍ୟ କୁମାର ପରିଡ଼ା, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁକାନ୍ତ ମିଶ୍ର, ସାମାଜିକ ସୁରକ୍ଷା ଅଧିକାରୀ ନୀହାର ରଞ୍ଜନ ରାଉତ, କନିଷ୍ଠ ଯନ୍ତ୍ରୀ ସମୀର ରଞ୍ଜନ ରାଉତ, ଭୀଷ୍ମଦେବ ଶତପଥୀ, ଭରତ ବିଶ୍ୱାଳ, ଯୋଗାଣ ନିରୀକ୍ଷକ ପ୍ରୀତିଶ ସାମଲ, ସରପଞ୍ଚ ଯଶୋଦା ମଲ୍ଲିକ, ସମିତିସଭ୍ୟ ଜୀବନଜ୍ୟୋତି ପଲାଇ, ପୂର୍ବତନ ସରପଞ୍ଚ ଉଷାକାନ୍ତ ନାୟକ, ପ୍ରଶାନ୍ତ ପଲାଇ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।

ବାସୁଦେବପୁର ବ୍ଲକ ପ୍ରଶାସନ ଆନୁକୂଲ୍ୟରେ ସକାଳ ୭ଟାରେ ଚୁଡ଼ାମଣି ସ୍ମୃତି ସ୍ତମ୍ଭଠାରୁ ଐତିହ୍ୟ ଗଣଦୌଡ଼ ଆରମ୍ଭ ହୋଇ ଶହୀଦ ପୀଠ ଇରମରେ ଶେଷ ହୋଇଥିଲା। ବିଧାୟକ ଅଶୋକ କୁମାର ଦାସ ଲବଣ ତୀର୍ଥ ଚୁଡ଼ାମଣିରେ ମାଲ୍ୟାର୍ପଣ କରିବା ପରେ ଗଣଦୌଡ଼ ଶୁଭାରମ୍ଭ ହୋଇଥିଲା। ବିଧାୟକଙ୍କ ସମେତ ବିଡିଓ ତନ୍ମିତା କର, ତହସିଲଦାର ପ୍ରିୟବ୍ରତ ଦାସ, ସରପଞ୍ଚ ଅଗଣି ପ୍ରସାଦ ଜେନା, ସାବିତ୍ରୀ ବଳ, ସମିତିସଭ୍ୟ ଲଗ୍ନିକା ମଲିକ, ଜିପିଇଓ ଅମିୟ କୁମାର ନାଥ, ଶିକ୍ଷକ ଅମିୟ ପାଣିଗ୍ରାହୀ, ସାମାଜିକ କର୍ମୀ ବିଜୟ ମହାନ୍ତି, ଜୟପ୍ରକାଶ ମଲିକ ପ୍ରମୁଖ ସାମିଲ ହୋଇଥିଲେ। ଚୁଡ଼ାମଣି କେସି ହାଇସ୍କୁଲ ଓ ବିଷ୍ଣୁ ସାବିତ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଏଥରେ ସାମିଲ ହୋଇ ଦୌଡ଼ିଥିଲେ। ଇରମରେ ପହଞ୍ଚିବା ପରେ ଶହୀଦ ସମାଧି ପୀଠ ଓ ସ୍ମୃତି ସ୍ତମ୍ଭରେ ବିଧାୟକ, ତହସିଲଦାର, ବିଡିଓ ପ୍ରମୁଖ ମାଲ୍ୟାର୍ପଣ କରିଥିଲେ।

ଧାମନଗର ବ୍ଲକର ଶହୀଦନଗରଠାରେ ଐତିହ୍ୟ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ଖପରପଦାସ୍ଥିତ ଶନି ମନ୍ଦିର ଛକଠାରୁ ଐତିହାସିକ ଲୁଣିଆ ଗୁଳିକାଣ୍ଡର ସ୍ମାରକୀ ଶହୀଦନଗରସ୍ଥିତ ଶହୀଦ ସ୍ମୃତି ପୀଠ ପର୍ଯ୍ୟନ୍ତ ଗଣଦୌଡ଼ ହୋଇଥିଲା। ଶତାଧିକ ଯୁବକ, ଛାତ୍ର, କଳାକାର, ବରିଷ୍ଠ ନାଗରିକ, ଲୋକପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀ ଏଥିରେ ସାମିଲ ହୋଇଥିଲେ। ଅତିରିକ୍ତ ଜିଲାପାଳ ସରୋଜ କୁମାର ଦତ୍ତ ଏହାର ଶୁଭାରମ୍ଭ କରିଥିଲେ। ବିଡିଓ ବନବିହାରୀ ଦିଣ୍ଡା, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପୁହାଣ, ପୂର୍ବତନ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ମନୋରଞ୍ଜନ ମଲ୍ଲିକ, ବରିଷ୍ଠ ନେତା ରଘୁନାଥ ଲେଙ୍କା, ଧାମନଗର ପ୍ରେସ୍ କ୍ଲବ୍‌ର ସଭାପତି ବୈକୁଣ୍ଠ ନାଥ ସାହୁ, ସରପଞ୍ଚ ସରୋଜ ସ୍ୱାଇଁ, ପୂର୍ବତନ ସରପଞ୍ଚ ରାଜେନ୍ଦ୍ର ସାହୁ, ଗୟାଧର ନାୟକ, ରାଜୀବ ନାୟକ, ପ୍ରମୋଦ ସୂତାର ପ୍ରମୁଖ ଗଣଦୌଡ଼ରେ ସାମିଲ ଥିଲେ।



ଧାମନଗରରେ ବ୍ଲକ ପ୍ରଶାସନ ପକ୍ଷରୁ ବାହାରିଥିବା ଗଣଦୌଡ଼।

## ସରିଲା ନାଟ୍ୟ ମହୋତ୍ସବ

ଭଣ୍ଡାରିପୋଖରୀ,୫।୪ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତର ରଘୁନାଥପୁର ଯୁବନାଟ୍ୟ ପରିଷଦ ଆନୁକୂଲ୍ୟରେ ଆୟୋଜିତ ୨ୟ ବାର୍ଷିକ ନାଟ୍ୟ ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଗ୍ରାମର ହରିହାଟ ମେଳା ଓ ସପ୍ତା ମେଳା ସମନ୍ୱୟରେ ଏହି ମହୋତ୍ସବ ଓ ମୁକ୍ତ ମଞ୍ଚ ନାଟକ ପ୍ରତିଯୋଗିତା ହୋଇଥିଲା। କମିଟି ସମ୍ପାଦକ ବିଷ୍ଣୁ ବୋଇତାଇଙ୍କ ସଂଯୋଜନାରେ ବୁଧବାର ଉଦ୍‌ଘାଟନୀ ଉତ୍ସବରେ ନାଟ୍ୟକାର ସୁଧାଂଶୁ ଶେଖର ନାୟକ ମୁଖ୍ୟଅତିଥି, ସଭାପତି ସରୋଜ କୁମାର ନାୟକ, ସାମାଜିକ କର୍ମୀ ରାକେଶ ସାମଲ, ପୂର୍ବତନ ସରପଞ୍ଚ ଚିତ୍ତରଞ୍ଜନ ମିଶ୍ର, ସରପଞ୍ଚ ରଞ୍ଜନ କୁମାର ପରିଡ଼ା, ଖବରଦାତା ବିଶ୍ୱମ୍ଭର ରାଉତ, ଗ୍ରାମ ମୁରବୀ ଶିବପ୍ରସାଦ ବଳ, ଅନିଲ ମହାନ୍ତି, ରସାନନ୍ଦ ବେହୁରିଆ, ବଟକୃଷ୍ଣ ମାଝୀ ଓ ଦିପୁ ବୋଇତାଇ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ବୁଧବାର ସୋର ଅଞ୍ଚଳର କଳାକାରଙ୍କ ଦ୍ୱାରା 'ଏ ମଣିଷ କାନ୍ଦିବା ଆସ', ଗୁରୁବାର ଧାମନଗର ତାଳପଦା କଳାକାରଙ୍କ ଦ୍ୱାରା 'ଲୁହରେ ଖୋଜୁଛି ମୋ କପାଳ ରେଖା' ଓ ଶୁକ୍ରବାର ଯାଜପୁର ମୁଗପଦା କଳାକାଙ୍କ ଦ୍ୱାରା 'ହା କୃଷ୍ଣ ବୋଲି ଯାଉ ଜୀବନ' ନାଟକ ମଞ୍ଚସ୍ଥ ହୋଇଥିଲା। ଅମରେନ୍ଦ୍ର ନାୟକ ଓ ତପି ସିରାଜ ବିଚାରକ ଭାବେ ମଞ୍ଚସ୍ଥ ନାଟକର ମୂଲ୍ୟାୟନ କରିଥିଲେ। 'ହା କୃଷ୍ଣ ବୋଲି ଯାଉ ଜୀବନ' ନାଟକ ପ୍ରଥମ ସ୍ଥାନ ଅଧିକାର କରିଥିଲା। ଗୁରୁବାର ସାମାଜିକ କର୍ମୀ ଅମରେନ୍ଦ୍ର ବାରିକ ଓ ପୂର୍ବତନ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସତ୍ୟବ୍ରତ ଦାସ ଅତିଥି ଭାବେ ଯୋଗ ଦେଇଥିଲେ।

ଉଦ୍‌ଯାପନୀ ଉତ୍ସବରେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ମୁଖ୍ୟଅତିଥି, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ସାମଲ, ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁମତୀ ସେଠୀ, ଜିଲା ପରିଷଦ ସଦସ୍ୟ ଉତ୍କଳ କେଶରୀ ମହାନ୍ତି, ଲକ୍ଷ୍ମୀଧର ସାହୁ, ଅଧ୍ୟାପକ ଅନାଦି ଚରଣ ସାହୁ, ପ୍ରଧାନଶିକ୍ଷକ ଆଶୁତୋଷ ବଳ, ଯୁବନେତା ପ୍ରତ୍ୟୁଷ ସାମଲ, ଭାଗୀରଥି ପରିଡ଼ା, ୱାର୍ଡସଭ୍ୟ କଣ୍ଢେଇ ଜେନା ଓ ଭରତ ଭୂଷଣ ନାଥ ଅନ୍ୟତମ ଅତିଥି ଭାବେ ଯୋଗଦେଇ ମହୋତ୍ସବ କମିଟିର ଉଦ୍ୟମକୁ ପ୍ରଶଂସା କରିଥିଲେ। ଗ୍ରାମବାସୀ ଓ କମିଟି ଉପସଭାପତି ରମାକାନ୍ତ ସାହୁ, ସହସମ୍ପାଦକ ତପନ ରାଉତ, ଅମ୍ଳାନ ବାରିକ, ଅମୂଲ୍ୟ ଭୂୟାଁ, ସୌମ୍ୟରଞ୍ଜନ ଦାସ, ଶୁଭମ ନାୟକ, ରାକେଶ ବେହୁରିଆ, ରଶ୍ମିରଞ୍ଜନ ନାୟକ, ଚନ୍ଦନ ତୁଳସୀ ଦାସ ପ୍ରମୁଖ ସହଯୋଗ କରିଥିଲେ।



ଉଦ୍‌ଯାପନୀ ସଭାରେ ଉପସ୍ଥିତ ଅତିଥି।

## ଟ୍ରକ୍ ସହ ଧକ୍କା: ବାଇକ୍ ଚାଳକ ମୃତ, ଜଣେ ଗୁରୁତର

### ଡାକ୍ତରଖାନାରେ ହୋହଲ୍ଲା, ଆମ୍ବୁଲାନ୍ସ ଭାଙ୍ଗିବାକୁ ଉଦ୍ୟମ

ବାସୁଦେବପୁର,୫।୪(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର-ଜାମୁଝାଡ଼ି ରାସ୍ତାର ଗୁଆଗାଁଠାରେ ଶୁକ୍ରବାର ରାତିରେ ରାସ୍ତାକଡ଼ରେ ଅଟକି ରହିଥିବା ଏକ ଚିପ୍ସ ବୋଝେଇ ଟ୍ରକ୍ ସହ ପଛପଟୁ ଏକ ବାଇକ୍ ଧକ୍କା ହେବାରୁ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ବରଣୁଆ ପଞ୍ଚାୟତର ମୀନକେତନ ଦଳେଇଙ୍କ ପୁଅ ପଦ୍ମଲୋଚନ ଦଳେଇ(୨୫) ଓ ଗୁରୁତର ହେଲେ ସତ୍ୟଜିତ୍ ମହାନ୍ତି। ରାତି ପ୍ରାୟ ୧୦ଟା ବେଳେ ୨ ସାଙ୍ଗ ପଦ୍ମଲୋଚନ ଓ ସତ୍ୟଜିତ୍ ଏକ ବାଇକ୍‌ରେ ବାସୁଦେବପୁରକୁ ଆସୁଥିଲେ। ସ୍ଥାନୀୟ ଲୋକେ ଗୁରୁତର ସତ୍ୟଜିତ୍‌ଙ୍କୁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏହି ଦୁର୍ଘଟଣା ଖବର ପାଇବା ପରେ କିଛି ଯୁବକ ଓ ଅଞ୍ଚଳବାସୀ ବାସୁଦେବପୁର ଡାକ୍ତରଖାନାରେ ପହଞ୍ଚି ହୋହଲ୍ଲା କରିଥିଲେ। ସତ୍ୟଜିତ୍‌ଙ୍କୁ ତୁରନ୍ତ ଆମ୍ବୁଲାନ୍ସରେ ନେବା ପାଇଁ ସେମାନେ ଦାବି କରିବା ସହ ଏକ ଆମ୍ବୁଲାନ୍ସକୁ ଭାଙ୍ଗିବାକୁ ଉଦ୍ୟମ କରିଥିଲେ। ସଦର ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ, ବାସୁଦେବପୁର ଆଇଆଇସି ଲୋପାମୁଦ୍ରା ନାୟକଙ୍କ ସମେତ ଚୁଡ଼ାମଣି, କଷିଆ, ନାୟକାଣିଡିହୀ ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା। ପୋଲିସ ଉତ୍ତ୍ୟକ୍ତ ଯୁବକମାନଙ୍କୁ ବୁଝାଶୁଝା କରିଥିଲା। ଶନିବାର ମୃତଦେହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଯିବା ସହ ପୋଲିସ ଏକ ମାମଲା (ନଂ.୨୪୧/୨୫) ରୁଜୁ କରି ଟ୍ରକ୍ ଓ ବାଇକ୍‌କୁ ଜବତ କରିଛି।

## ଶିବଗଙ୍ଗାରେ ପଡ଼ି ଶିଶୁ ମୃତ

ଧୁଷୁରୀ, ୫।୪ (ଦୀପ୍ତିରଞ୍ଜନ ନାୟକ)

ଆରଡ଼ି ଆଖଣ୍ଡଳମଣି ପୀଠରେ ଥିବା ଶିବଗଙ୍ଗା ପୁଷ୍କରିଣୀରେ ପଡ଼ି ଜଣେ ଶିଶୁଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ସନ୍ଧ୍ୟାରେ ଏହି ଘଟଣା ଘଟିଥିବା ବେଳେ ମୃତ ଶିଶୁ ହେଲେ ଆରଡ଼ିର ଶକ୍ରାଜିତ୍ ପାଢ଼ୀଙ୍କ ପୁଅ ଓମ୍ ପ୍ରକାଶ(୫)। ସେ କୌଣସି କାରଣରୁ ପୋଖରୀରେ ପଡ଼ିଯାଇଥିଲେ। ବହୁ ଖୋଜାଖୋଜି ପରେ ସେ ପାଣିରେ ଭାସୁଥିବା ଦେଖିବାକୁ ମିଳିଥିଲା। ତାଙ୍କୁ ଉଦ୍ଧାର କରି ସଙ୍ଗେସଙ୍ଗେ ଆରଡ଼ି ମେଡିକାଲ ଓ ପରେ ଭଦ୍ରକ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଧୁଷୁରୀ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୧୬/୨୫) ରୁଜୁ କରାଯାଇଛି।

**ରାମନବମୀ ସମାବେଶ ଲାଗି ପୋଲିସ ପ୍ରଶାସନ ପ୍ରସ୍ତୁତ**

## ଜଗିବ ସିସିଟିଭି, ଡ୍ରୋନ୍ କ୍ୟାମେରା

ବାଲେଶ୍ୱର, ୫।୪(ବାଞ୍ଛାନିଧି ଦେ)

ରାମନବମୀ ଅବସରରେ ବାଲେଶ୍ୱର ଓ ଭଦ୍ରକରେ ରବିବାର ଧାର୍ମିକ ସମାବେଶ ଓ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଏହାର ସୁପରିଚାଳନା ପାଇଁ ପୋଲିସ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି ବୋଲି ରବିବାର ପୂର୍ବାଞ୍ଚଳ ଡିଆଇଜି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୂର୍ବାଞ୍ଚଳ ଡିଆଇଜି ସତ୍ୟଜିତ ନାୟକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଭଦ୍ରକରେ ରାମନବମୀ ପାଇଁ ୨୬ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଏଥିସହ ୩ କମ୍ପାନୀ ସେଣ୍ଟ୍ରାଲ ପାରାମିଲିଟାରୀ ଫୋର୍ସ ମଧ୍ୟରୁ ୧ କମ୍ପାନୀ ସିଆରପିଏଫ୍, ୧ କମ୍ପାନୀ ରାପିଡ ଆକ୍ସନ ଓ ୧ କମ୍ପାନୀ ବିଏସ୍‌ଏଫ୍ ମଧ୍ୟ ମୁତୟନ କରାଯାଇଛି। ସେହିପରି ବାଲେଶ୍ୱରରେ ୧୭ ପ୍ଲାଟୁନ ପୋଲିସଫୋର୍ସ ମୁତୟନ କରାଯାଇଥିବା ବେଳେ ୩ କମ୍ପାନୀ ସେଣ୍ଟ୍ରାଲ ପାରାମିଲିଟାରୀ ଫୋର୍ସ ମଧ୍ୟରୁ ୧ କମ୍ପାନୀ ସିଆରପିଏଫ୍, ୧ କମ୍ପାନୀ ରାପିଡ ଆକ୍ସନ ଫୋର୍ସ ଓ ୧ କମ୍ପାନୀ ବିଏସଏଫ ମଧ୍ୟ ମୁତୟନ କରାଯାଇଛି। ଏଥିସହ ଉଭୟ ଜିଲାରେ ଶୋଭାଯାତ୍ରା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ରାସ୍ତାରେ ସିସିଟିଭି, ଡ୍ରୋନ୍, ରୁଫ୍ ଟପ୍ ନିରୀକ୍ଷଣ ବ୍ୟବସ୍ଥା ସହ ସାଦା ପୋଷାକରେ ପୋଲିସ ମୁତୟନ କରାଯାଇଛି।

ସୁପ୍ରିମକୋର୍ଟଙ୍କ ଗାଇଡଲାଇନ୍ ମୁତାବକ ବାଦ୍ୟ ଯନ୍ତ୍ର ଓ ସାଉଣ୍ଡ ବକ୍ସର ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ କରିବାକୁ ଶାନ୍ତି କମିଟି ବୈଠକରେ ପୂର୍ବରୁ ପରାମର୍ଶ ଦିଆଯାଇଛି। ଅଯଥାରେ ଉପଦ୍ରବ କରି ଶାନ୍ତି ଭଙ୍ଗ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନ ମୁତାବକ କାର୍ଯ୍ୟାନୁଷ୍ଠାନ ନିଆଯିବ। ତେଣୁ ବହୁ ପୂର୍ବରୁ ବିଭିନ୍ନ ଥାନାରେ ପଡ଼ି ରହିଥିବା ଜାମିନବିହୀନ ପରୱାନାଗୁଡ଼ିକୁ କାର୍ଯ୍ୟକାରୀ କରି ସମାଜ ବିରୋଧୀ ତତ୍ତ୍ୱ ଓ ଅପରାଧୀମାନଙ୍କୁ ସ୍ପେଶାଲ ଡ୍ରାଇଭ୍ ଦ୍ୱାରା ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସୋସିଆଲ ମିଡିଆରେ ପୋଷ୍ଟ କରାଯାଉଥିବା ତଥ୍ୟ ଓ ଗୁଜବ ଖବରକୁ ବିଶ୍ୱାସ ନ କରିବା ପାଇଁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି। ଏଥିପାଇଁ ଜଣେ ଡିଏସ୍‌ପିଙ୍କୁ ଦାୟିତ୍ୱ ଦିଆଯାଇଛି। ଏହାବ୍ୟତୀତ ପାନୀୟ ଜଳ ବ୍ୟବସ୍ଥା, ପ୍ରାଥମିକ ସ୍ୱାସ୍ଥ୍ୟସେବା, ଆମ୍ବୁଲାନ୍ସ, ଫାୟାର ବ୍ରିଗେଡ୍ ବ୍ୟବସ୍ଥା କରାଯାଇଛି। ସେହିପରି ସହରରେ ପୋଲିସ ପକ୍ଷରୁ ମଧ୍ୟ ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିଲା।




ଖବରଦାତା ସମ୍ମିଳନୀରେ ପୂର୍ବାଞ୍ଚଳ ଡିଆଇଜି ସତ୍ୟଜିତ ନାୟକ ଓ ଅନ୍ୟ ପୋଲିସ ଅଧିକାରୀ।

### ବାଲେଶ୍ୱର, ଭଦ୍ରକରେ ବ୍ୟାପକ ପୋଲିସ ଫୋର୍ସ ନିୟୋଜିତ

## ୫୫ ବର୍ଷରେ ମଧୁଗଣେଶ ପୂଜା

ତିହିଡ଼ି,୫।୪ (ସଞ୍ଜିତ ବଳ)

ତିହିଡ଼ି ବ୍ଲକ ଗୋବିନ୍ଦପୁର ପଞ୍ଚାୟତର କୁଆଁରଚତର ଗ୍ରାମରେ ଚଳିତବର୍ଷ ବେଶ୍ ଆଡ଼ମ୍ବରରେ ମଧୁଗଣେଶ ପୂଜା ଚାଲିଛି। ୫୫ ବର୍ଷରେ ପଦାର୍ପଣ କରିଥିବା ଏହି ପୂଜାରେ ଏକ ନିଆରା ପରମ୍ପରା ରହିଆସିଛି। ପ୍ରତିଦିନ ସନ୍ଧ୍ୟା ବେଳେ ଆଳତି ସମୟରେ ନାମ ସଂକୀର୍ତ୍ତନ ହୋଇଥାଏ। ଏହି ପୂଜା ଶନିବାର ୬ଷ୍ଠ ଦିନରେ ପହଞ୍ଚିଥିବା ବେଳେ ରବିବାର ଶେଷ ହେବ। ପୂଜା ପାଇଁ ଗ୍ରାମର ୨ଟି ପ୍ରବେଶ ପଥରେ ବିଦ୍ୟୁତ୍ ତୋରଣ କରାଯାଇଥିବା ବେଳେ ରାସ୍ତା ଓ ମନ୍ଦିରକୁ ରଙ୍ଗିନ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି।

୧୯୭୦ରେ କୁଆଁରଚତର ଗ୍ରାମରେ ସ୍ୱର୍ଗତ ଇନ୍ଦ୍ରମଣି ମହାନ୍ତି, ପଞ୍ଚାନନ ମହାନ୍ତି, କୃଷ୍ଣଚନ୍ଦ୍ର ପରିଡ଼ା, ବେଣୁଧର ନାୟକ, ସ୍ୱର୍ଗତ ପୁରୁଷୋତ୍ତମ ମହାନ୍ତିଙ୍କ ସମେତ ମହେଶ୍ୱର ମହାନ୍ତି, ଶୁକଦେବ ମହାନ୍ତି ପ୍ରମୁଖ ଏହି ପୂଜା ଆରମ୍ଭ କରିଥିଲେ। ସେହି ସମୟରେ ମଧୁ ଗଣେଶଙ୍କ ମୃଣ୍ମୟ ମୂର୍ତ୍ତିକୁ ପୂଜା ମଣ୍ଡପରେ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଉଥିଲା। କିଛିବର୍ଷ ପୂର୍ବେ ମନ୍ଦିର ନିର୍ମାଣ ହେବା ସହ ମଧୁଗଣେଶଙ୍କ ଆକର୍ଷଣୀୟ ପ୍ରସ୍ତର ମୂର୍ତ୍ତି ନିର୍ମାଣ କରାଯାଇଛି। ଚଳିତବର୍ଷ ପୂଜାରେ କେଶବ ଚନ୍ଦ୍ର ନାୟକ କର୍ତ୍ତା, ରତ୍ନାକର ପଣ୍ଡା ଓ ପ୍ରକାଶ ତ୍ରିପାଠୀ ପୂଜକ ଭାବେ କାର୍ଯ୍ୟ ତୁଲାଉଛନ୍ତି। ବିଭିନ୍ନ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଯାତ୍ରା ମଧ୍ୟ ପରିବେଷଣ ହେଉଛି। ପୂଜା କମିଟିର ଉପଦେଷ୍ଟା ମାନସ ରଞ୍ଜନ ନାୟକ, ରମଣ ରଞ୍ଜନ ମହାନ୍ତି, ହୃଷୀକେଶ ପରିଡ଼ା, ଶରତ ନାୟକ, କୈଳାସ ପରିଡ଼ା, ସୁବ୍ରତ ମହାନ୍ତିଙ୍କ ସମେତ ସଭାପତି ଶ୍ୟାମସୁନ୍ଦର ମହାନ୍ତି, ସମ୍ପାଦକ ମନୋଜ ନାୟକ, କୋଷାଧ୍ୟକ୍ଷ ଅଭୟ ମହାନ୍ତି ପରିଚାଳନା କରୁଛନ୍ତି। ପ୍ରଭାତ ମହାନ୍ତି, ଉତ୍କଳ କେଶରୀ ମହାନ୍ତି, ଦିଲୀପ ମହାନ୍ତି, ସୁରେଶ ପରିଡ଼ା ପ୍ରମୁଖଙ୍କ ସହ ଗ୍ରାମବାସୀ ଏଥିରେ ସହଯୋଗ କରୁଛନ୍ତି।



ଆଲୋକମାଳାରେ ସୁସଜ୍ଜିତ ମଧୁଗଣେଶଙ୍କ ମନ୍ଦିର।

## ୩ ବଖରା ଜଳିଗଲା

ଧୁଷୁରୀ, ୫।୪ (ଦୀପ୍ତିରଞ୍ଜନ ନାୟକ)

ଧୁଷୁରୀ ଥାନା ଅଧୀନ ଅର୍ଜୁନପୁର ପଞ୍ଚାୟତ ମମଦୁଲା ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ନିଆଁ ଲାଗି ୩ ବଖରା ଘର ଜଳିଯାଇଛି। ଗ୍ରାମର ସୁଦର୍ଶନ ନାୟକଙ୍କ ଘରେ ଅଗ୍ନିକାଣ୍ଡ ଘଟିଥିବା ବେଳେ ପରିବାର ଲୋକେ ଘରେ ନ ଥିଲେ। ସମସ୍ତେ କିଛିଦିନ ହେବ ବେଙ୍ଗାଲୁରୁ ଯାଇଛନ୍ତି। ତାଙ୍କ ଘରେ ଥିବା ଟିଭି, ଫ୍ରିଜ୍, ବାଇକ୍, ଆସବାବପତ୍ର ସମେତ ପ୍ରାୟ ୪ ଲକ୍ଷ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଛି। ଧାମନଗରରୁ ଦମକଳ ବାହିନୀ ଆସି ପହଞ୍ଚିବା ବେଳକୁ ଗାଁ ଲୋକେ ନିଆଁ ଲିଭାଇ ସାରିଥିଲେ। ଧୁଷୁରୀ କିମ୍ବା ସାଆଁଳପୁରରେ ଦମକଳ କେନ୍ଦ୍ର ପ୍ରତିଷ୍ଠା ପାଇଁ ଦୀର୍ଘଦିନ ଧରି ଦାବି ହୋଇଆସୁଥିଲେ ବି ସରକାରୀ ଉଦାସୀନତା ଯୋଗୁ ଏହା ପ୍ରତିଷ୍ଠା ହୋଇପାରୁନାହିଁ। ଏଥିଯୋଗୁ ଅସନ୍ତୋଷ ବଢ଼ିବାରେ ଲାଗିଛି।

## ଅବସର ପରେ ଶୋଭାଯାତ୍ରାରେ ନେଲେ ଗ୍ରାମବାସୀ

ସାବରଙ୍ଗ, ୫।୪ (କାଳିପଦ ରାୟ)

ବାସୁଦେବପୁର ବ୍ଲକ ଏଡ଼ତାଳ ପଞ୍ଚାୟତର ପ୍ରଫୁଲ୍ଲ କୁମାର ବଳ(୬୦) ସୀମା ସୁରକ୍ଷା ବାହିନୀରେ ଦୀର୍ଘ ୩୮ ବର୍ଷ ଦେଶମାତୃକାର ସେବା ପରେ ଚାକିରିରୁ ଅବସର ନେଇଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ତାଙ୍କ ଅବସର ପର ମୁହୂର୍ତ୍ତକୁ ସ୍ମରଣୀୟ କରିବା ପାଇଁ ଗ୍ରାମବାସୀ ଓ ସ୍ଥାନୀୟ ଅଞ୍ଚଳର ଲୋକେ ପାରମ୍ପରିକ ବାଦ୍ୟ ନୃତ୍ୟ ସହ କପାଗଡ଼ିଆ ଛକଠାରୁ ତାଙ୍କ ବାସସ୍ଥାନ ଏଡ଼ତାଳର ମେଙ୍ଗିଛକ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ପାଛୋଟି ନେଇଛନ୍ତି। ତାଙ୍କ ଚାକିରି ୧୯୮୭ରୁ ଆରମ୍ଭ ହୋଇ ଚଳିତବର୍ଷ ଏପ୍ରିଲରେ ଶେଷ ହୋଇଛି। ସେ ପଞ୍ଜାବ, ଓଡ଼ିଶା, ପଶ୍ଚିମବଙ୍ଗ ଓ ଜମ୍ମୁକଶ୍ମୀରରେ ଦେଶମାତୃକାର ସେବା କରିଥିବା ବେଳେ ଜମ୍ମୁକଶ୍ମୀରଠାରେ ସାଥୀ ଯବାନମାନଙ୍କ ସହ ମିଶି ଆତଙ୍କବାଦୀମାନଙ୍କ ସହ ଲଢ଼ିଥିବାର ମୁହୂର୍ତ୍ତ ତାଙ୍କ ପାଇଁ ସ୍ମରଣୀୟ ହୋଇ ରହିବ। ଅବସର ପରେ ଗ୍ରାମରେ ରହି ବିଭିନ୍ନ ସାମାଜିକ ଅନୁଷ୍ଠାନ ସହ କାର୍ଯ୍ୟ କରିବା ସହ ଦେଶମାତୃକାର ସେବା ପାଇଁ ଯୁବବର୍ଗଙ୍କୁ ପ୍ରେରଣା ଯୋଗାଇବେ ବୋଲି ପ୍ରଫୁଲ୍ଲ କହିଛନ୍ତି।

## ବିଦ୍ୟାଳୟ ପ୍ରତିଷ୍ଠା ଦିବସରେ ରକ୍ତଦାନ ଶିବିର

ଭଦ୍ରକ, ୫।୪ (ରବିନାରାୟଣ ଖିଲାର)

ଭଦ୍ରକ ଗେଲପୁରସ୍ଥିତ ସାଇକୃପା ମାନସିକ ଭିନ୍ନକ୍ଷମ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ତଥା ପ୍ରତିଷ୍ଠାତା ସମ୍ପାଦକ ଡାକ୍ତର ଶରତ କୁମାର ଆଚାର୍ଯ୍ୟଙ୍କ ଜନ୍ମଦିନ ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିଲୀପ କୁମାର ରାଉତରାଏ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର କୁମାର ଦାସ ଓ ରକ୍ତଭଣ୍ଡାରର ସ୍ୱାସ୍ଥ୍ୟ ଅଧିକାରୀ ଡା. ବିମଳା ମିଶ୍ର ଯୋଗ ଦେଇଥିଲେ। ପ୍ରଥମ ରକ୍ତଦାତା ଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ଆଚାର୍ଯ୍ୟ ରକ୍ତଦାନ କରିଥିଲେ। ବିଦ୍ୟାଳୟର କର୍ମଚାରୀମାନେ ରକ୍ତଦାନ କରିଥିଲେ। ପରିଚାଳନା କମିଟି ସଭାପତି ଜୟନ୍ତ କୁମାର ସେନାପତି, ଉପସଭାପତି ଭାସ୍କର ଚନ୍ଦ୍ର ମଲ୍ଲିକଙ୍କ ସମେତ ସଭ୍ୟମାନେ ଉପସ୍ଥିତ ଥିଲେ। ଶେଷରେ ଅଧ୍ୟକ୍ଷା ରଜନୀରାଣୀ ପତି ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

## ବିଦ୍ୟୁତ୍ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ




ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ସିପିଆଇ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ବନ୍ତ,୫।୪(ହରି ନାରାୟଣ ମହାନ୍ତି)

ସିପିଆଇ ବନ୍ତ ଜୋନ୍ କମିଟି ପକ୍ଷରୁ ବିଭିନ୍ନ ଦାବି ନେଇ ଶନିବାର ପୂର୍ବାହ୍ନ ୧୦ଟା ବେଳେ ବନ୍ତସ୍ଥିତ ବିଦ୍ୟୁତ୍ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ନିର୍ବାଚନ ପ୍ରତିଶ୍ରୁତି ଅନୁଯାୟୀ ସମସ୍ତ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ୩ଶହ ୟୁନିଟ୍ ନିଶୁଳ୍କ ସେବା ପ୍ରଦାନ, ଚାଷୀଙ୍କୁ ଦେୟମୁକ୍ତ ବିଦ୍ୟୁତ୍ ସେବା, ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ୍ ବନ୍ଦ ପାଇଁ ଟାଟା କମ୍ପାନୀକୁ ନିର୍ଦ୍ଦେଶ ଦେବା, ଗ୍ରାହକମାନଙ୍କଠାରୁ ବକେୟା ବିଲ୍ ଜୋରଜବରଦସ୍ତ ଆଦାୟ ବନ୍ଦ, ସ୍ମାର୍ଟ ମିଟର ବସାଇବା ବ୍ୟବସ୍ଥାକୁ ବାତିଲ କରି ପୂର୍ବ ପ୍ରଚଳିତ ବ୍ୟବସ୍ଥା କାର୍ଯ୍ୟକାରୀ, ବନ୍ତ ବଜାରରେ ରାସ୍ତା ଆଲୋକୀକରଣ ବ୍ୟବସ୍ଥାକୁ ପୁନଃ ପ୍ରଚଳନ, ପୁରୁଣା ଖୁଣ୍ଟଗୁଡ଼ିକୁ ପରିବର୍ତ୍ତନ କରି ନୂତନ ଖୁଣ୍ଟ ବସାଇବା ଆଦି ଦାବି ରହିଛି।

ଥାନାଛକସ୍ଥିତ ଦଳୀୟ ଅଫିସ୍‌ଠାରୁ ସାଥୀ ସମର୍ଥକମାନେ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରି ବିଦ୍ୟୁତ୍ ଅଫିସ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ବରିଷ୍ଠ ନେତା ଫକୀର ଚରଣ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ଜୋନ୍ ସମ୍ପାଦକ ରମେଶ ଜେନା, ଜିଲା କାର୍ଯ୍ୟକାରୀ କମିଟିର ସାଥୀ ବାବାଜି ଚରଣ ଜେନା, ଦିଲୀପ ନାୟକ, ଅରବିନ୍ଦ ବିଶ୍ୱାଳ, ସୁବାଷ ଚନ୍ଦ୍ର ବେହେରା, ଧନେଶ୍ୱର ଜେନା, ନିରଞ୍ଜନ ନାୟକ, ସରପଞ୍ଚ ସଂଗ୍ରାମ କେଶରୀ ଜେନା, ବରିଷ୍ଠ ନେତା ଗୋପବନ୍ଧୁ ସେଠୀ ପ୍ରମୁଖ ଯୋଗଦେଇ ଗ୍ରାହକ ଶୋଷଣ ନୀତି ବିରୋଧରେ କହିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କନିଷ୍ଠ ପରିଚାଳକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ରମାକାନ୍ତ ସାହୁ, ପଞ୍ଚାନନ ସେଠୀ, କମଳାକାନ୍ତ ଜେନା, ନୃସିଂହ ଚରଣ ଦାସ, ସମିତିସଭ୍ୟ ପ୍ରତିନିଧି ଦୁଲ୍ଲା ଖାଁ ପ୍ରମୁଖ ଏଥିରେ ସାମିଲ ଥିଲେ।

## ଛାତରୁ ପଡ଼ି ଆଖିବୁଜିଲେ ରାଜମିସ୍ତ୍ରି

**ଖଇରା,(ଉତ୍କଳବନ୍ଧୁ ପଣ୍ଡା):** ବାଲେଶ୍ୱର ଜିଲା ଖଇରା ଥାନା ସାରକୋଣା ପଞ୍ଚାୟତ ଅଧୀନ ଅମାରଗଡିଆ ଗ୍ରାମରେ ଛପର କାମ କରୁଥିବା ବେଳେ ତଳକୁ ଖସି ପଡିବା ଯୋଗୁ ଜଣେ ମିସ୍ତ୍ରୀଙ୍କର ପରଲୋକ ହୋଇଛି। ଉକ୍ତ ରାଜମିସ୍ତ୍ରି ହେଲେ ସାରକୋଣା ଗ୍ରାମ ପଞ୍ଚାୟତ ଖଡିପଦା ଗ୍ରାମର ତପନ ପାତ୍ର(୩୦) । ଶନିବାର ସକାଳେ ସେ ଉପରେ ଚଢ଼ି ଆଜବେଷ୍ଟସ୍ ଛପର କାମ କରୁଥିବା ବେଳେ ତଳକୁ ଖସି ପଡ଼ିଥିଲେ। ଅଟୋ ଯୋଗେ ଖଇରା ଡାକ୍ତରଖାନାକୁ ଅଣାଯିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ। ଖଇରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବକୁ ବ୍ୟବଚ୍ଛେଦ ପାଇଁ ସୋର ପଠାଯାଇଛି।



# ଖଣ୍ଡାରେ ହାଣି ଲୁଟି ନେଲେ ଟଙ୍କା, ବାଇକ୍

ବାହାନଗା, ୫।୪(ଅରୂପ୍ କୁମାର ଦାସ): ଶୁକ୍ରବାର ବିଳମ୍ବିତ ରାତିରେ ବାଲେଶ୍ୱର–ବାସୁଦେବପୁରକୁ ସଂଯୋଗ କରୁଥିବା ସଲ୍ଟ ରୋଡର ଶ୍ରୀଜଙ୍ଗ ନିକଟରେ ୨ଜଣ ବାଇକ୍ ଆରୋହୀ ଲୁଟ୍‌ର ଶିକାର ହୋଇଛନ୍ତି। ଦୁର୍ବୃତ୍ତମାନେ ଖଣ୍ଡାରେ ହାଣି ଲୁଟି ନେଲେ ୩୦ ହଜାର ଟଙ୍କା ଓ ବାଇକ୍ ଲୁଟି ନେଇଛନ୍ତି। ଏନେଇ ଗୋପାଳପୁର ଥାନରେ ଯୁବକମାନେ ଅଭିଯୋଗ କରିବା ପରେ ପୋଲିସ୍ ତଦନ୍ତ ଆରମ୍ଭ କରିଛି।

ଶୁକ୍ରବାର ରାତି ସାଢେ ୯ଟାରେ ଖରିଦା ଗ୍ରାମର ଜିତେଶ ବେହେରା, ରାଇପୁର ଗ୍ରାମର ବିଶ୍ୱଜିତ ସାହୁ ବାଲେଶ୍ୱରରୁ ଗୋଟିଏ ଗାଡ଼ିରେ ଫେରୁଥିଲେ । ବାଟରେ ତାଙ୍କ ବାଇକ୍‌କୁ ଓଭରଟେକ କରି ୩ଜଣ ଯୁବକ ତାଙ୍କ ଆଗରେ ଗାଡି ରଖି ଅଟକାଇଥିଲେ। ସେମାନେ ମୁହଁରେ କଳା କପଡା ଦେଇ ଏକ ଖଣ୍ଡାରେ ବାଇକ୍ ଚଲାଉଥିବା ବିଶ୍ୱଜିତଙ୍କ ମୁଣ୍ଡକୁ ଚୋଟ ମାରିଥିଲେ। ସେମାନେ ବାଇକ୍ ଛାଡିଦେବାରୁ ବିରୋଧ କରୁଥିବା ଜିତେଶ ଚୋଟ ମାରିବା ବେଳେ ସେ ବ୍ୟାଗ ଫିଙ୍ଗି ସେଠାରୁ ଦୌଡି ପଳାଇଯାଇଥିଲେ। ୩ଜଣ ଦୁର୍ବୃତ୍ତ ବ୍ୟାଗରେ ଥିବା ଟଙ୍କା ସହିତ ସମସ୍ତ ସାମଗ୍ରୀ ଓ ବାଇକ୍‌କୁ ଧରି ପଳାଇ ଯାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେମାନେ ଲୋକଙ୍କୁ ଡାକିଥିଲେ।

# ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା

ଗୋପବନ୍ଧୁ ନଗର, ୫।୪ (ଶାନ୍ତନୁ କୁମାର ମଡୁଆଲ)– ଖୁଣ୍ଟା ଥାନା ଅନ୍ତର୍ଗତ ପଶୁଦା ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ସେହି ଅଞ୍ଚଳର ଜଣେ ଯୁବକ ୨୦୨୧ରୁ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ମାତ୍ର ଗତ କିଛିଦିନ ତଳେ ଯୁବତୀ ଜଣକ ବିବାହ କଥା ଉଠାଇବାରୁ ଯୁବକ ଜଣକ ଆଉ ଧରାଛୁଆଁ ନ ଦେଇ ଯୁବତୀଙ୍କଠାରୁ ଦୂରେଇ ଯାଇଥିଲେ। ଏନେଇ ପୀଡ଼ିତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୧୦୯/୨୫) ରୁଜୁ କରି ତଦନ୍ତ ଜାରି ରଖିଛି।

# ଧର୍ମ ପରାୟଣା ମହିଳାଙ୍କ ପରଲୋକ

ବାରିପଦା,୫।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ): ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଅଧୀନସ୍ତ ଆରପଟା ଗ୍ରାମର



ଧର୍ମ ପରାୟଣା ମହିଳା ବିଷୟା ପରିଡ଼ା(୭୨)ଙ୍କ ଶୁକ୍ରବାର ପରଲୋକ ଘଟିଛି। କିଛି ଦିନ ହେଲା ସେ ବାର୍ଦ୍ଧକ୍ୟ ଜନିତ କାରଣରୁ ଅସୁସ୍ଥ ଥିଲେ। ସେ ସ୍ଥାନୀୟ ଅଞ୍ଚଳରେ ଜଣେ ମିଷ୍ଟ ଭାଷୀ, ଧର୍ମ ପରାୟଣା ଓ ପରୋପକାରୀ ମହିଳା ଭାବେ ବେଶ ପରିଚିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ। ସ୍ଥାନୀୟ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଆରପଟା ଗ୍ରାମ ଶ୍ମଶାନରେ ଶେଷ କୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକ ଛାୟା ଖେଳିଯାଇଛି।

# କାର୍ ଧକ୍କାରେ ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

ବଡ଼ବିଲ,୫।୪ (ଦେବପ୍ରିୟ ରଣା): କେନ୍ଦୁଝର ଜିଲା ବଡବିଲ ଓଭର ବ୍ରିଜ୍ ନିକଟରେ ଶୁକ୍ରବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ସ୍କୁଟରକୁ ଏକ କାର ସମ୍ମୁଖରୁ ଧକ୍କା ଦେବା ଫଳରେ ସ୍କୁଟ୍‌ର ଚାଳକଙ୍କ ମୃତ୍ୟୁ ଘଟିଛି। ଘଟଣାରେ ସ୍କୁଟର ଚାଳକଙ୍କ ସ୍ତ୍ରୀ ଗୁରୁତର ହୋଇଛନ୍ତି। ମୃତକ ହେଲେ ଶଙ୍ଖଝରର ଅର୍ଜୁନ ଲାଗୁରି(୩୦)। ତାଙ୍କ ସ୍ତ୍ରୀ ଚୁମାନ ଲାଗୁରିଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଦମ୍ପତି ସ୍କୁଟର(ନଂ. ଓଡ଼ି ୦୯ ଏ ୧୪୯୨)ଯୋଗେ ବଡ଼ବିଲ ବଜାର ପଟୁ ରାତି ପ୍ରାୟ ୮ଟା ୩୦ ମିନିଟ୍ ସମୟରେ ଘରକୁ ଫେରୁଥିଲେ। ଏହି ସମୟରେ ବିପରିତ ଦିଗରୁ ଆସୁଥିବା ଏକ କାର(ନଂ. ଓଡି ୦୯ ଭି ୯୨୯୭) ସ୍କୁଟରକୁ ସମ୍ମୁଖରୁ ଧକ୍କା ଦେଇଥିଲା। କାର ଧକ୍କାରେ ଅର୍ଜୁନ ଓ ତାଙ୍କ ସ୍ତ୍ରୀ ରାସ୍ତାରେ ଛିଟିକି ପଡ଼ିଥିଲେ। ଦୁର୍ଘଟଣା ପରେ କାର ଛାଡ଼ି ଚାଳକ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଦମ୍ପତିଙ୍କୁ ଉଦ୍ଧାର କରି ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଅର୍ଜୁନଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଶନିବାର ଦିନ ଲିଖିତ ଅଭିଯୋଗ ପରେ ବଡ଼ବିଲ ଥାନାରେ ଏକ ମାମଲା(ନଂ. ୭୩/୨୦୨୫) ରୁଜୁ ହୋଇଛି। ପୋଲିସ କାର ଜବତ କରି ତଦନ୍ତ ଜାରି ରଖିଛି।

# ଜଗିବ ସିସିଟିଭି, ଡ୍ରୋନ୍ କ୍ୟାମେରା

## ରାମନବମୀ ସମାବେଶ ପାଇଁ ପୋଲିସ ପ୍ରଶାସନ ପ୍ରସ୍ତୁତ

## ବାଲେଶ୍ୱର, ଭଦ୍ରକରେ ବ୍ୟାପକ ପୋଲିସ ଫୋର୍ସ ନିୟୋଜିତ

**ବାଲେଶ୍ୱର, ୫।୪(ବାଞ୍ଛାନିଧି ଦେ)**

ରାମନବମୀ ଅବସରରେ ବାଲେଶ୍ୱର ଓ ଭଦ୍ରକରେ ରବିବାର ଧାର୍ମିକ ସମାବେଶ ଓ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଏହାର ସୁପରିଚାଳନା ପାଇଁ ପୋଲିସ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି ବୋଲି ରବିବାର ପୂର୍ବାଞ୍ଚଳ ଡିଆଇଜି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୂର୍ବାଞ୍ଚଳ ଡିଆଇଜି ସତ୍ୟଜିତ ନାୟକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଭଦ୍ରକରେ ରାମନବମୀ ପାଇଁ ୨୬ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଏଥିସହ ୩ କମ୍ପାନୀ ସେଣ୍ଟ୍ରାଲ ପାରାମିଲିଟାରୀ ଫୋର୍ସ ମଧ୍ୟରୁ ୧ କମ୍ପାନୀ ସିଆରପିଏଫ୍, ୧ କମ୍ପାନୀ ରାପିଡ ଆକ୍ସନ ଓ ୧ କମ୍ପାନୀ ବିଏସ୍ଏଫ୍ ମଧ୍ୟ ମୁତୟନ କରାଯାଇଛି। ସେହିପରି ବାଲେଶ୍ୱରରେ ୧୭ ପ୍ଲାଟୁନ ପୋଲିସଫୋର୍ସ ମୁତୟନ କରାଯାଇଥିବା ବେଳେ ୩ କମ୍ପାନୀ



ଖବରଦାତା ସମ୍ମିଳନୀରେ ଡିଆଇଜି ସତ୍ୟଜିତ ନାୟକ ସୂଚନା ଦେଇଛନ୍ତି।

ସେଣ୍ଟ୍ରାଲ ପାରାମିଲିଟାରୀ ଫୋର୍ସ ମଧ୍ୟରୁ ୧ କମ୍ପାନୀ ସିଆରପିଏଫ୍, ୧ କମ୍ପାନୀ ରାପିଡ ଆକ୍ସନ ଫୋର୍ସ ଓ ୧ କମ୍ପାନୀ ବିଏସଏଫ ମଧ୍ୟ ମୁତୟନ କରାଯାଇଛି। ଏଥିସହ ଉଭୟ ଜିଲାରେ ଶୋଭାଯାତ୍ରା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ରାସ୍ତାରେ ସିସିଟିଭି, ଡ୍ରୋନ୍, ରୁଫ୍ ଟପ୍ ନିରୀକ୍ଷଣ ବ୍ୟବସ୍ଥା ସହ ସାଦା ପୋଷାକରେ ପୋଲିସ ମୁତୟନ କରାଯାଇଛି। ସୁପ୍ରିମକୋର୍ଟଙ୍କ ଗାଇଡଲାଇନ୍ ମୁତାବକ ବାଦ୍ୟ ଯନ୍ତ୍ର ଓ ସାଉଣ୍ଡ ବକ୍ସର ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ କରିବାକୁ ଶାନ୍ତି କମିଟି ବୈଠକରେ ପୂର୍ବରୁ ପରାମର୍ଶ ଦିଆଯାଇଛି। ଅଯଥାରେ ଉପଦ୍ରବ କରି ଶାନ୍ତି ଭଙ୍ଗ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନ ମୁତାବକ କାର୍ଯ୍ୟାନୁଷ୍ଠାନ ନିଆଯିବ। ତେଣୁ ବହୁ ପୂର୍ବରୁ ବିଭିନ୍ନ ଥାନାରେ ପଡ଼ି ରହିଥିବା ଜାମିନବିହୀନ ପରୱାନା ଗୁଡିକୁ କାର୍ଯ୍ୟକାରୀ କରି ସମାଜ ବିରୋଧୀ ତତ୍ତ୍ୱ ଓ ଅପରାଧୀମାନଙ୍କୁ ସ୍ପେଶାଲ ଡ୍ରାଇଭ୍ ଦ୍ୱାରା ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସୋସିଆଲ ମିଡ଼ିଆରେ ପୋଷ୍ଟ କରାଯାଉଥିବା ତଥ୍ୟ ଓ ଗୁଜବ ଖବରକୁ ବିଶ୍ୱାସ ନ କରିବା ପାଇଁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି। ଏଥିପାଇଁ ଜଣେ ଡିଏସ୍‌ପିଙ୍କୁ ଦାୟିତ୍ୱ ଦିଆଯାଇଛି। ଏହାବ୍ୟତୀତ ପାନୀୟ ଜଳ ବ୍ୟବସ୍ଥା, ପ୍ରାଥମିକ ସ୍ୱାସ୍ଥ୍ୟ ସେବା, ଆମ୍ବୁଲାନ୍ସ, ଫାୟାର ବ୍ରିଗେଡ଼ ବ୍ୟବସ୍ଥା କରାଯାଇଛି। ସେହିପରି ସହରରେ ପୋଲିସ୍ ପକ୍ଷରୁ ମଧ୍ୟ ଫ୍ଲାଗ୍ ମାର୍ଚ୍ଚ କରାଯାଇଥିଲା।

# ବରିଷ୍ଠ ନାଗରିକ ମଞ୍ଚର ପୂଜ୍ୟପୂଜା କାର୍ଯ୍ୟକ୍ରମ

## ୨୭ ଗଣମାଧ୍ୟମ ପ୍ରତିନିଧି, ୧୬ ସଙ୍ଗଠନ ସମ୍ବର୍ଦ୍ଧିତ

**ଖଇରା, ୫।୪(ଉତ୍କଳବନ୍ଧୁ ପଣ୍ଡା)**

ଓଡ଼ିଶା ଦିବସ ପାଳନ ଅବସରରେ ବରିଷ୍ଠ ନାଗରିକ ମଞ୍ଚ ତରଫରୁ ପୂଜ୍ୟପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ କରି ଖଇରା ବ୍ଲକରେ ସେବା ମନୋବୃତ୍ତି ନେଇ କାର୍ଯ୍ୟ କରୁଥିବା ୧୬ ସାମାଜିକ ସଙ୍ଗଠନ ଓ ୨୭ଜଣ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବରିଷ୍ଠ ନାଗରିକ ମଞ୍ଚ ସଭାପତି ଶରତ କୁମାର ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଖଇରା ଥାନା ଆଇଆଇସି ସୁଚନ୍ଦ୍ର ମହାଳିକ, ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ପ୍ରଭାକର ମିଶ୍ର, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଉପଦେଷ୍ଟା କୃଷ୍ଣଚନ୍ଦ୍ର ପତ୍ରୀ, ସମ୍ପାଦକ ମୁକ୍ତିକାନ୍ତ ଶତପଥି, ଖଇରା କଲେଜର ପ୍ରାକ୍ତନ ଅଧ୍ୟକ୍ଷ ବସନ୍ତ କୁମାର ଖିଲାର ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ରଘୁନାଥ ପତ୍ରୀ ଅତିଥି ପରିଚୟ, ସନ୍ତୋଷ ଶତପଥି ସ୍ୱାଗତଭାଷଣ ଓ ବୁଦ୍ଧିରାମ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନାମ ଚରଣ ପଣ୍ଡା, ନାରାୟଣ ପ୍ରସାଦ ପେଡା, ଅନ୍ତର୍ଯ୍ୟାମୀ ପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଅଗ୍ରଣୀ ସାମାଜିକ ସଙ୍ଗଠନ ପ୍ରତିଭା ପରିବାର, ଖଇରା ସାହିତ୍ୟ ସଂସଦ, ଜନଜାଗରଣ ମଞ୍ଚ, ଜନହିତ ଯୁବକ ସଂଘ, ଆୟୁଷ୍ମାନ ଫାଉଣ୍ଡେଶନ, ମୋ ଅନୁଷ୍ଠାନ ସାହିତ୍ୟ ସଂସଦ, ଗଣ୍ଡିବେଡ ଆଞ୍ଚଳିକ ଉନ୍ନୟନ ପରିଷଦ, ଗଡ଼ଚଣ୍ଡୀ ସାଂସ୍କୃତିକ ପରିଷଦ, ପତିରାଜପୁର ମେଳା କମିଟି ସମେତ ସମସ୍ତ ସଙ୍ଗଠନର ସଭାପତି ଓ ସମ୍ପାଦକଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା ।

# ଅଫିମ ଗଛ ନଷ୍ଟକଲା ପୋଲିସ



**ବାରିପଦା,୫।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ଯଶୀପୁର ପୋଲିସ ଶନିବାର ଲକ୍ଷାଧିକ ଟଙ୍କାର ଅଫିମ ଗଛ ନଷ୍ଟ କରିଛି। ଶିମିଳିପାଳ ଅଭୟାରଣ୍ୟ ସଂଲଗ୍ନ ଗ୍ରାମଗୁଡ଼ିକରେ ବସବାସ କରୁଥିବା ଲୋକଙ୍କୁ ପ୍ରଲୋଭନ ଦେଖାଇ ଅଫିମ ବେପାରୀମାନେ ଏହି ଚାଷ କରୁଛନ୍ତି। ବିଶ୍ୱସ୍ତସୂତ୍ରରୁ ଖବରପାଇ ପୋଲିସ ଶିମିଳିପାଳ ସଂଲଗ୍ନ ବରେହିପାଣି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଅସନବଣୀ ଗ୍ରାମରେ ଚଢ଼ାଉ କରିଥିଲା। ଚାଷ ହୋଇଥିବା ଲକ୍ଷାଧିକ ଟଙ୍କାର ଅଫିମ ଗଛ ନଷ୍ଟ କରିଥିଲା। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ବେପାରୀଙ୍କୁ ଧରିବା ପାଇଁ ପୋଲିସ ଚଢ଼ାଉ ଜାରି ରଖିଛି। ତେବେ ଅଫିମ ଚାଷକୁ ନେଇ ବନ କିମ୍ବା ଅବକାରୀ ବିଭାଗ ନିକଟରେ କୌଣସି ସୂଚନା ନ ଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, କିଛି ଦିନ ପୂର୍ବେ ଠାକୁରମୁଣ୍ଡା ପୋଲିସ ଓ ଅବକାରୀ ବିଭାଗ ଚଢ଼ାଉ କରି ଅନେକ କୋଟି ଟଙ୍କାର ଅଫିମ ଗଛ ନଷ୍ଟ କରିଥିଲା।

# 'ଉତ୍କର୍ଷ କଳା ପାଇଁ ଉତ୍କଳ ବିଶ୍ୱରେ ସ୍ୱତନ୍ତ୍ର'

## ଦେଉଳାରେ ଓଡ଼ିଶା ଦିବସ ଉଦ୍‌ଯାପିତ

ଭୋଗରାଇ, ୫।୪(ପ୍ରଦୀପ ଦାସ): କଳାର ଉତ୍କର୍ଷ ଉତ୍କଳ ଆଜି ସାରା ବିଶ୍ୱରେ ସ୍ୱତନ୍ତ୍ର ଭାବେ ପରିଚିତ ବୋଲି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଦେଉଳାହାଟ ଉତ୍କଳ ଦିବସ କମିଟି ସମାରୋହର ଉଦ୍‌ଯାପନୀ ସନ୍ଧ୍ୟାରେ ଶନିବାର ବିଶିଷ୍ଟ ଅତିଥିମାନେ ମତପ୍ରକାଶ କରିଛନ୍ତି। ପଦ୍ମଭୂଷଣ ମନୋଜ ଦାସଙ୍କ ନାମିତ ମଞ୍ଚରେ ସଭାପତିତ୍ୱ କରିଥିଲେ କମିଟି ଉପଦେଷ୍ଟା ସନ୍ତୋଷ କୁମାର ଜେନା। ବ୍ୟଙ୍ଗକବି ଶ୍ରୀକୁମାର ଘୋଷ ମଞ୍ଚ ଆହ୍ୱାନ କରିଥିଲେ। କମିଟି ଉପସଭାପତି ହରିପଦ ସାହୁ ଲକ୍ଷ୍ୟ ସମ୍ପର୍କରେ କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟିକା ସୁବାସିନୀ ଜେନା, ମୁଖ୍ୟବକ୍ତା ଭାବେ ବିଧାୟକ ଗୌତମବୁଦ୍ଧ ଦାସ, ସମ୍ମାନିତ ଅତିଥି ଭାବେ କମିଟି ସଦସ୍ୟ ସ୍ୱର୍ଣ୍ଣମୟୀ ଦାସ ମହାପାତ୍ର, ଆଦର୍ଶ ଶିକ୍ଷକ ଚନ୍ଦନ କୁମାର ଗିରି ଓ ସରପଞ୍ଚ ମମତା ସାହୁ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଛାତ୍ରୀଛାତ୍ରମାନେ ପରିବେଶର ସ୍ଥାୟୀ ବିକାଶ ଶୀର୍ଷକ ବକ୍ତୃତା ଓ ନୃତ୍ୟ ସଙ୍ଗୀତ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହି ଅବସରରେ ବୈଜ୍ଞାନିକ ଡ଼ଃ ସୁମିତ୍ରା ନାୟକ, ଖବରଦାତା ଦିଲୀପ ଦାସଙ୍କୁ ଉତ୍ସବ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟି ସଦସ୍ୟ ଶ୍ୟାମସୁନ୍ଦର ବେଜ ଧନ୍ୟବାଦ ଦେଇଥିଲେ।

# ଅକ୍ଟୋବରରୁ ଶିମିଳିପାଳରେ ବାଘ ଗଣନା

**ବାରିପଦା,୫।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ସର୍ବ ଭାରତୀୟ ବାଘ ଗଣନା–୨୦୨୬ ନିମନ୍ତେ ଏସିଆ ମହାଦେଶର ଦ୍ୱିତୀୟ ବୃହତମ ଜୈବ ମଣ୍ଡଳ ଶିମିଳିପାଳରେ ପ୍ରସ୍ତୁତି ଆରମ୍ଭ ହୋଇଛି। ପ୍ରତି ୪ ବର୍ଷରେ ହେବାକୁ ଥିବା ବାଘ ଗଣନା ପାଇଁ ୱାଇଲ୍ଡ ଲାଇଫ ଇନଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆର ବିଶେଷଜ୍ଞ ସଦସ୍ୟ ଓ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଅଧିକାରୀମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ବାରିପଦା କ୍ଷେତ୍ର ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ୬ ମାସ ଧରି ଚାଲିବାକୁ ଥିବା ବାଘ ଗଣନା ନିମନ୍ତେ ରୋଡ୍‌ମ୍ୟାପ ପ୍ରସ୍ତୁତ ଅନୁଯାୟୀ ବନଖଣ୍ଡ ଅଧିକାରୀ, ଅତିରିକ୍ତ ବନଖଣ୍ଡ ଅଧିକାରୀ ଓ କର୍ମଚାରୀମାନଙ୍କ ପାଇଁ ତାଲିମ, କ୍ଷେତ୍ର ଅଭ୍ୟାସ ଓ ତଥ୍ୟ ସଂଗ୍ରହ ନେଇ ତାଲିମ ପ୍ରଦାନ ଆରମ୍ଭ ହୋଇଛି। ଚଳିତ ବର୍ଷ ବର୍ଷା ଋତୁ ପରେ ଅକ୍ଟୋବର ମାସରୁ ବାଘ ଗଣନାର ପ୍ରାରମ୍ଭିକ ପର୍ଯ୍ୟାୟ କାର୍ଯ୍ୟ ଆରମ୍ଭ ହେବ। ଡିସେମ୍ବରରୁ କ୍ୟାମେରା ମାଧ୍ୟମରେ ବାଘ ଗଣନା କରାଯାଇ ୨୦୨୬ ମାର୍ଚ୍ଚରେ ଶେଷ ହେବ। ସମସ୍ତ ତଥ୍ୟ ଜାତୀୟ ବ୍ୟାଘ୍ର ସଂରକ୍ଷଣ ଅଥରିଟି (ଏନ୍‌ଟିସିଏ)କୁ ପଠାଯିବା ପରେ ୨୦୨୭ରେ ବାଘ ଗଣନା ରିପୋର୍ଟ ପ୍ରକାଶ ପାଇବ ବୋଲି ଆଞ୍ଚଳିକ ମୁଖ୍ୟ




ବନ୍ୟପ୍ରାଣୀ ସଂରକ୍ଷକ (ଆରସିସିଏଫ୍) ତଥା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି। ମହାବଳ ବାଘ ବଂଶ ବୃଦ୍ଧି ପାଇଁ ଶିମିଳିପାଳ ଉତ୍କୃଷ୍ଟ ସ୍ଥାନ ବୋଲି ପୂର୍ବରୁ ଏନ୍‌ଟିସିଏ ଘୋଷଣା କରିଛି । ବାଘ ଗଣନା କାର୍ଯ୍ୟ ଚାରୋଟି ପର୍ଯ୍ୟାୟରେ କରାଯିବାକୁ ସ୍ଥିର ହୋଇଛି। ପ୍ରଥମେ କାର୍ଣ୍ଣିଭାଲ ସାଇନ ସର୍ଭେରେ ଉଭୟ ତୃଣଭୋଜି ଏବଂ ମାଂସାଶୀ ପ୍ରାଣୀଙ୍କର ଗତିବିଧି ଓ ଚଳପ୍ରଚଳ କରୁଥିବା ସ୍ଥାନକୁ ଚିହ୍ନଟ କରାଯାଇ ରେକର୍ଡଭୁକ୍ତ କରାଯିବ। ଏହି କାର୍ଯ୍ୟ ବର୍ଷା ଋତୁରେ ଶେଷ ହେବା ପରେ ଡିସେମ୍ବର ମାସରେ ଟ୍ରାପ୍ ଓ ଫ୍ଲାସ କ୍ୟାମେରା ମାଧ୍ୟମରେ ବାଘ ସଂଖ୍ୟା, ସେମାନଙ୍କ ବାସସ୍ଥାନ ଓ ସ୍ୱାସ୍ଥ୍ୟ ବିଷୟରେ ତଥ୍ୟ ସଂଗ୍ରହ କରାଯିବ। ବାରିପଦା ବନ ସର୍କଲ ଅଧୀନରେ ଥିବା ବାରିପଦା ବନଖଣ୍ଡ, ରାଇରଙ୍ଗପୁର ଓ କରଞ୍ଜିଆ ବନଖଣ୍ଡ, ଶିମିଳିପାଳ ଉତ୍ତର ଓ ଦକ୍ଷିଣ ବନଖଣ୍ଡ, ବାଲେଶ୍ୱର ବନଖଣ୍ଡ ଓ କେନ୍ଦୁଝର ବନଖଣ୍ଡର ଅଧିକାରୀ ଓ କର୍ମଚାରୀମାନେ ବାଘ ଗଣନାରେ ତ୍ରୁଟିବିହିନ ତଥ୍ୟ ସଂଗ୍ରହ ଉପରେ ଗୁରୁତ୍ୱାରୋପ କରାଯାଇଛି। କର୍ମଚାରୀମାନଙ୍କୁ ଉପଯୁକ୍ତ ତାଲିମ ପ୍ରଦାନ ଲାଗି ସର୍ବୋଚ୍ଚ ପ୍ରାଥମିକତା ଦିଆଯାଉଛି। କର୍ମଚାରୀମାନେ ବାଘର ପାଦଚିହ୍ନ, ଆମ୍ପୁଡା ଦାଗ ଓ ମଳମୂତ୍ରର ନମୁନା ସଂଗ୍ରହ କରି ଓୟୁଏଚିକୁ ପଠାଇ ବାଘ ଗଣତି କରିବେ।

# ୱାଇ-ଫାଇ ସେବା ଲୋକାର୍ପିତ

## ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ

ବାରିପଦା,୫।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)– ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ୫୦୦ ଏମ.ବି.ପି.ଏସ. କ୍ଷମତା ବିଶିଷ୍ଟ ୱାଇ-ଫାଇ ସେବା ଲୋକାର୍ପିତ ହୋଇଯାଇଛି । ବିଏସ୍‌ଏନ୍‌ଏଲ୍ ଦ୍ୱାରା ଉପଲବ୍ଧ ଏହି ସେବାକୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଲୋକାର୍ପଣ କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ କୁଳସଚିବେ ସୁମିତା ସିଂ ଓ ବିଏସ୍‌ଏନ୍‌ଏଲ୍ ବାରିପଦାର ଡିଜିଏମ୍ ମନୋରଞ୍ଜନ ସିଂ ଉପସ୍ଥିତ ଥିଲେ। ଏହି ୱାଇ-ଫାଇ ସେବା ଦ୍ୱାରା ବିଶ୍ୱବିଦ୍ୟାଳୟର ସମସ୍ତ ଶିକ୍ଷା ସୌଧ, କାର୍ଯ୍ୟାଳୟ ଓ ଛାତ୍ରୀଛାତ୍ର ନିବାସର ବ୍ୟବହାରକାରୀଗଣ ଅହୋରାତ୍ର ଇଣ୍ଟରନେଟ ସେବା ପାଇପାରିବେ। ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ନାୟକ, ଜାତୀୟ ଶିକ୍ଷା ନୀତି ସଂଯୋଜକ ପ୍ରଫେସର ବିଶ୍ୱଜିତ ରଥ, ବିତ୍ତ ନିୟନ୍ତ୍ରକ ଶୁକଦେବ ତରେଇ, ପରୀକ୍ଷା ନିୟନ୍ତ୍ରକ ଡ. ସୁବ୍ରତ କୁମାର ରଣା, ବିଶ୍ୱବିଦ୍ୟାଳୟ ୱାଇ-ଫାଇ ଓ ଇଣ୍ଟରନେଟ ସଂଯୋଜକ ଡ. ସ୍ୱରୁପାନନ୍ଦ ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ।

# ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ନେଇ ପ୍ରସ୍ତୁତି ବୈଠକ

ଜଳେଶ୍ୱର, ୫।୪(ନବୀନ ସାହୁ)– ଜଳେଶ୍ୱର ବ୍ଲକ ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଆସନ୍ତା ୧୧ ତାରିଖରେ ଆୟୁଷ୍ମାନ ସ୍ୱାସ୍ଥ୍ୟବୀମା କାର୍ଡ ବଣ୍ଟନ ପାଇଁ ଓଲମରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ସମସ୍ତ ଉପ ସ୍ୱାସ୍ଥ୍ୟକେନ୍ଦ୍ରର ଆଶା କର୍ମୀ, ଜନସେବା କେନ୍ଦ୍ରର ପରିଚାଳକଙ୍କୁ ନେଇ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଥିଲା। ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଭୀଷ୍ମ ପରିଡ଼ା ଅଧ୍ୟକ୍ଷତା କରିଥିଲେ। ପ୍ରଥମ ପର୍ଯ୍ୟାୟରେ ମୋଟ ୮୧୧ଟି ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରାଯିବ। ପର୍ଯ୍ୟାୟକ୍ରମେ ସମସ୍ତ ଯୋଗ୍ୟଙ୍କୁ ପ୍ରଦାନ କରାଯିବ। ପବ୍ଲିକ ହେଲ୍‌ଥ ଅଫିସର ଫକୀରମୋହନ ପ୍ରଧାନ, ଓଲମରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡା. ସ୍ୱୟଂଶ ମହାନ୍ତି, ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା ଉର୍ମିଳା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଶୁଳିଆପଦାରେ ଖୋଲିଲା ଜଳଛତ୍ର

**ମୋରଡ଼ା,୫।୪(ସ୍ମାରକ ମାଝୀ)**

ତାପମାତ୍ରା ବୃଦ୍ଧିକୁ ଲକ୍ଷ୍ୟ ରଖି ଶୁଳିଆପଦା ଥାନା ପୋଲିସ ତରଫରୁ ସ୍ଥାନୀୟ ବଜାରରେ ଶନିବାର ଜଳଛତ୍ର ଖୋଲାଯାଇଛି। ଥାନା ଅଧିକାରୀ ସତ୍ୟନାରାୟଣ ବଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା ପୋଲିସ କର୍ମଚାରୀଙ୍କ ଉପସ୍ଥିତିରେ ଏହି ଜଳଛତ୍ର ଉଦ୍‌ଘାଟିତ ହୋଇଥିଲା। ସ୍ଥାନୀୟ ଲୋକଙ୍କୁ ଥାନା ଅଧିକାରୀ ଜଳ ବଣ୍ଟନ କରିବା ସହିତ ଅଯଥାରେ ଖରାରେ ଘରୁ ନ ବାହାରିବାକୁ ଏବଂ ଅତି ଜରୁରୀ କାର୍ଯ୍ୟରେ ବାହାରିଲେ ସାଙ୍ଗରେ ଓଦା ଗାମୁଛା, ଛତା, ପାଣି ବୋତଲ ସାଙ୍ଗରେ ନେବାକୁ ପରାମର୍ଶ ଦେଇଥିଲେ। ଉକ୍ତ ଜଳଛତ୍ରରେ ପ୍ରତିଦିନ ଜଣେ ପୋଲିସ କର୍ମଚାରୀ ନିୟୋଜିତ ରହିବେ ବୋଲି ସୂଚନା ମିଳିଛି।

# ସହରରେ ବୁଲିଲା ଶିକ୍ଷା ରଥ

**ଚମ୍ପୁଆ,୫।୪(ମହେଶ୍ୱର ଦାସ)**

ରାଜ୍ୟ ସରକାରଙ୍କ ପକ୍ଷରୁ ଏପ୍ରିଲ ୧ ରୁ ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ ହେଉଛି। ଏହି ଅବସରରେ ଆମ ମହାନ ସଂସ୍କୃତି ଓ ପରମ୍ପରାର ଉତ୍ସବ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ରାଜ୍ୟର ପ୍ରାଥମିକ ବିଦ୍ୟାଳୟ ଶିଶୁ ବାଟିକାରେ ନାମ ଲେଖାଯିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ମହିଳା ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଖଡ଼ିଛୁଆଁ ଉତ୍ସବ ଏବଂ ପ୍ରବେଶ ଉତ୍ସବ ୨ ତାରିଖରେ ପାଳନ କରାଯାଇଛି। ଶିକ୍ଷା ସଚେତନତା ପାଇଁ ତଥା ସମଗ୍ର ଶିକ୍ଷା ଲକ୍ଷ୍ୟ ନେଇ ଶିକ୍ଷା ବିଭାଗ ପକ୍ଷରୁ ଏକ ରଥ ୫ ଦିନ ଧରି ଚମ୍ପୁଆ ବ୍ଲକ୍ ପରିକ୍ରମା କରିଛି। ଶନିବାର ଚମ୍ପୁଆ ଉପ ଜିଲାପାଳ ଉମାକାନ୍ତ ପରିଡ଼ାଙ୍କ ନେତୃତ୍ୱରେ ତଥା ବ୍ଲକ୍ ଶିକ୍ଷା ଅଧିକାରୀ ପ୍ରକାଶ ସାହୁଙ୍କ ପରିଚାଳନାରେ ରଥ ସକାଳ ୭ଟା ୩୦ ମିନିଟ୍‌ରେ ମହତାବ ଉଚ୍ଚ ବିଦ୍ୟାଳୟରୁ ବାହାରି ଚମ୍ପୁଆ ସହର ପରିକ୍ରମା କରିଥିଲା। ଶତାଧିକ ଛାତ୍ରୀଛାତ୍ର ଏହି ରଥ ପରିକ୍ରମାରେ ସାମିଲ ହେବା ସହିତ ସଭିଏଁ ସ୍କୁଲ ଯିବା ନିମନ୍ତେ ବାର୍ତ୍ତା ବାଣ୍ଟି ଜନସାଧାରଣଙ୍କୁ ସଚେତନ କରିଥିଲେ।

# ୨୪୭ତମ ରଘୁନାଥ ମହାତୋ ଶହୀଦ ଦିବସ

**ପାଟଣା,୫।୪(ବୀରକିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ଥାନା ଧାନବେଣି ବୈତରଣୀ ନଦୀ କରମ ତୀର୍ଥ ଘାଟ ନିକଟରେ ଶନିବାର ଶହୀଦ ରଘୁନାଥ ମହାତୋଙ୍କ ୨୪୭ତମ ଶହୀଦ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କୁଡୁମୀ ସମ୍ପ୍ରଦାୟର ବରିଷ୍ଠ ନେତା ଓ ବୁଦ୍ଧିଜୀବୀମାନେ ଶହୀଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ। ଓଡ଼ିଶା କୁଡୁମୀ ସେନା ରାଜ୍ୟ ଉପ ସଭାପତି ମିତ୍ରଭାନୁ ମହାନ୍ତ, ଯୁବ ସମ୍ପାଦକ ବିଶ୍ୱଜିତ୍ ମହାନ୍ତ, ଶହୀଦ ରଘୁନାଥ ମହାନ୍ତ ସ୍ମୃତି କମିଟି ସଭାପତି ଗୌରହରି ମହାନ୍ତ, ସମ୍ପାଦକ ସୁକାନ୍ତ ମହାନ୍ତ, ଉପ ସଭାପତି ମନୋହର ମହାନ୍ତ, ଆଦିବାସୀ କ୍ରେନ୍ଦୀୟ କମିଟି ସଭ୍ୟ ପ୍ରତାପ ଚନ୍ଦ୍ର ମହାନ୍ତ, ଆଦିବାସୀ କମିଟି ରାଜ୍ୟ ସଭାପତି ଲକ୍ଷ୍ମୀଧର ମହାନ୍ତ, ସହ ସମ୍ପାଦକ ପ୍ରଭାତ ରଞ୍ଜନ ମହାନ୍ତ, ଉପ ସଭାପତି ସତ୍ୟନାରାୟଣ ମହାନ୍ତ, ସୁରେଶ ମହାନ୍ତ, ଧରଣୀ ମହାନ୍ତ, ଲଳିତ ମହାନ୍ତ ପ୍ରମୁଖ ସାମିଲ ହୋଇଥିଲେ।

# ଶ୍ରୀରାମ ନବମୀ ପାଇଁ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ଯୋଡ଼ା,୫।୪(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ସହରରେ ଶ୍ରୀ ରାମ ନବମୀ ପାଳନକୁ ଶୃଙ୍ଖଳିତ କରିବା ପାଇଁ ଯୋଡ଼ା ପୋଲିସ ପକ୍ଷରୁ ଶନିବାର ଫ୍ଲାଗ୍ ମାର୍ଚ୍ଚ କରାଯାଇଛି। ଶ୍ରୀରାମ ନବମୀ ଉପଲକ୍ଷେ ଯୋଡ଼ା ସହରରେ ଥିବା ବିଭିନ୍ନ ମନ୍ଦିରରେ ରାମ ଝଣ୍ଡା ଲଗା ଯିବାର ପାରମ୍ପରିକ ପ୍ରଥା ରହିଛି। ଗତ ୩ ବର୍ଷ ପୂର୍ବେ ଏକ ସମ୍ବେଦନଶୀଳ ଅଞ୍ଚଳରେ ରାମ ଝଣ୍ଡା ଲଗା ଯିବା ବେଳେ ୨ ସମ୍ପ୍ରଦାୟ ମଧ୍ୟରେ ଉତ୍ତେଜନା ମୂଳକ ପରିସ୍ଥିତି ଉପୁଜିଥିଲା। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ସଜାଗ ରହିଛି। ଶନିବାର ଶ୍ରୀରାମଙ୍କ ଶ୍ରଦ୍ଧାଳୁମାନେ ଏକ ରାଲି କରିଥିଲେ। ଏଣୁ ସହରରେ କୌଣସି ଅପ୍ରୀତିକର ପରିସ୍ଥିତି ନ ଘଟିବା ପାଇଁ ବ୍ୟାପକ ପୋଲିସ ମୁତୟନ ହୋଇଥିବା ଯୋଡ଼ା ଥାନା ପକ୍ଷରୁ ସୂଚନା ମିଳିଛି। ସେହିପରି ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ବିଶ୍ୱ ହିନ୍ଦୁ ପରିଷଦ ଯୋଡ଼ା ନଗର ସଭାପତି ରଞ୍ଜିତ ମହାକୁଡ ଏକ ଚିଠି ଲେଖି ଆର୍‌ଏମସି ବଜାରଠାରେ ଥିବା ଜଳେଶ୍ୱରନାଥ ଶିବ ମନ୍ଦିରରେ ରାମ ଝଣ୍ଡା ରୋପଣ ବେଳେ ୫୦ ଜଣଙ୍କୁ ମନ୍ଦିରକୁ ଯିବା ପାଇଁ ପ୍ରଶାସନ ପକ୍ଷରୁ ଅନୁମତି ପ୍ରଦାନ କରିବାକୁ ଚିଠି ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି।

# ଐତିହ୍ୟ ପାଇଁ ଦୌଡ଼ିଲେ ଜନସାଧାରଣ, ଅଧିକାରୀ

## ଓଡ଼ିଆ ପକ୍ଷ ଅବସରରେ ଗଣଦୌଡ଼

**କେନ୍ଦୁଝର,୫।୪(ନରେଶ ଚନ୍ଦ୍ର ପଟ୍ଟନାୟକ)**

ସମୃଦ୍ଧ ଶିଳ୍ପ-ସ୍ଥାପତ୍ୟ, କଳା-ଭାସ୍କର୍ଯ୍ୟ, ସାଂସ୍କୃତିକ ବୈଭବ ଏବଂ ଐତିହ୍ୟ କୀର୍ତ୍ତିରାଜିରେ ପରିପୂର୍ଣ୍ଣ ଆମ ରାଜ୍ୟ ଓଡ଼ିଶା। ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଶାରେ ରହିଥିବା ଐତିହ୍ୟସ୍ଥଳୀଗୁଡ଼ିକର ବହୁଳ ପ୍ରଚାର ଓ ପ୍ରସାର ଏବଂ ଯୁବପିଢ଼ିଙ୍କୁ ଏହାର ଗୌରବମୟ ଇତିହାସ ସମ୍ବନ୍ଧରେ ଅବଗତ କରାଇବା ନିମନ୍ତେ ରାଜ୍ୟବ୍ୟାପୀ ଐତିହ୍ୟ ଗଣଦୌଡ଼ ଆୟୋଜିତ ହେଉଛି। ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଥମଥର କରି ପାଳନ କରାଯାଉଥିବା ଓଡ଼ିଆ ପକ୍ଷର ପଞ୍ଚମ ଦିବସରେ ଶନିବାର କେନ୍ଦୁଝରଠାରେ ଶ୍ରୀଶ୍ରୀ ବଳଦେବଜୀଉଙ୍କ


ଗଣଦୌଡ଼ରେ ଭାଗନେଇଥିବା ପ୍ରଶାସନିକ ଅଧିକାରୀ ଓ ଛାତ୍ରୀଛାତ୍ରମାନେ।

ମନ୍ଦିର ପ୍ରାଙ୍ଗଣରୁ ସିଦ୍ଧମଠ ପର୍ଯ୍ୟନ୍ତ ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା।

ଗଣଦୌଡ଼ରେ ଅନେକ ଶହ ସଂଖ୍ୟାରେ କେନ୍ଦୁଝରର ଜନସାଧାରଣ, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ଜିଲାସ୍ତରୀୟ ବରିଷ୍ଠ ଅଧିକାରୀମାନେ ଭାଗ ନେଇଥିଲେ। କେନ୍ଦୁଝରର ଆରାଧ୍ୟ ରାଷ୍ଟ୍ରଦେବତା ଭାବେ ବିଦିତ ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ବାବଦରେ ରହିଥିବା କିମ୍ବଦନ୍ତୀକୁ ଜୀବନ୍ତ କରି ଗଢ଼ି ତୋଳିବା ପାଇଁ ଏହି ଗଣଦୌଡ଼ରେ ଲୋକ ସାମିଲ ହୋଇଥିଲେ। ଏଥିସହିତ ଓଡ଼ିଆ ପକ୍ଷ ପାଳନର ଉତ୍ସାହ ସମସ୍ତଙ୍କ ମଧ୍ୟରେ ପରିଲକ୍ଷିତ ହୋଇଥିଲା। ଏଥିସହିତ ଏହି ପ୍ରାଚୀନ ମନ୍ଦିରର ବୈଭବକୁ ଯୁବପିଢ଼ିଙ୍କ ମଧ୍ୟରେ ଆହୁରି ଉଜ୍ଜୀବିତ କରିବା ପାଇଁ ସମସ୍ତେ ଏଠାରେ ନିଜର ସେଲ୍ଫି ଉଠାଇ ଏହାକୁ ଓଡ଼ିଆ ପକ୍ଷ ପାଳନ ୱେବ୍‌ସାଇଟ (ଓଡ଼ିଆ ପକ୍ଷ. କମ୍)ରେ ଅପଲୋଡ଼ ମଧ୍ୟ କରିଥିଲେ। କାର୍ଯ୍ୟକ୍ରମରେ ବନଖଣ୍ଡ ଅଧିକାରୀ ଧନରାଜ ଏଚ୍‌ଡ଼ି, ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଳିକ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଡେପୁଟି କଲେକ୍ଟର ଅଭିଳାଷ ପୁରୋହିତ, ଜିଲା କ୍ରୀଡ଼ା ଅଧିକାରୀ ସରୋଜ ମଲ୍ଲିକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, ସହକାରୀ ଜିଲାପାଳ ସନ୍ତୋଷ ଜେନା ଓ କ୍ରୀଡ଼ା ପ୍ରଶିକ୍ଷକ ଜିତେନ୍ଦ୍ର ମହାକୁଡ଼ ପ୍ରମୁଖ ସାମିଲ ହୋଇଥିଲେ।

